ଟିପ୍ପଣୀ

# ଏକକ-୧୧ ଶିକ୍ଷାର୍ଥୀମାନଙ୍କ ବୋଧଗମ୍ୟତାର ଅଭିବୃଦ୍ଧି ପାଇଁ ଆକଳନ ଫଳାଫଳର ବ୍ୟବହାର କରିବା

**ସଂରଚନା**


୧୧.୦ ଉପକ୍ରମ

୧୧.୧ ଶିକ୍ଷଣ ଉଦ୍ଦେଶ୍ୟ

୧୧.୨ ଶିକ୍ଷାର୍ଥୀଙ୍କ ଅଗ୍ରଗତିର ବିବରଣୀ ପ୍ରଦାନ କରିବା

୧୧.୨.୧ ଫଳପ୍ରଦ ଏବଂ ସୂଚନାତ୍ମକ ବିବରଣୀ ପ୍ରଦାନ କରିବାର ନୀତି ସମୂହ

୧୧.୨.୨ ଆକଳନ ଫଳାଫଳର ପ୍ରତିପୁଷ୍ଟି

୧୧.୨.୩ ବିବରଣୀ ଫର୍ଦ୍ଦର ନମୁନା

୧୧.୨.୪ ଅଗ୍ରଗତି ସୂଚୀତ ପାଇଁ କୃତି

୧୧.୩ ଶିକ୍ଷଣ ଅସୁବିଧାର ବିଶ୍ଳେଷଣ: ଅନୁସନ୍ଧାନାତ୍ମକ ପରୀକ୍ଷଣ

୧୧.୩.୧ ଅନୁସନ୍ଧାନାତ୍ମକ ପରୀକ୍ଷଣର ଆବଶ୍ୟକତା ଓ ଉପାଦେୟତା

୧୧.୩.୨ ଅନୁସନ୍ଧାନାତ୍ମକ ପ୍ରଶ୍ନାବଳୀ ପ୍ରସ୍ତୁତି

୧୧.୪ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ସମୀକ୍ଷା ଓ ଉନ୍ନତିକରଣ

୧୧.୫ ପରିବେଶ ଅଧ୍ୟୟନ ଶିକ୍ଷଣରେ ସମୃଦ୍ଧିକରଣ ପାଇଁ ସଂଶୋଧନାତ୍ମକ କାର୍ଯ୍ୟ ସଂମୂହ

୧୧.୬ ସାରାଂଶ

୧୧.୭ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧୧.୮ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୧.୯ ପାଠାନ୍ତ ପ୍ରଶ୍ନାବଳୀ


## ୧୧.୦ ଉପକ୍ରମ

ପୂର୍ବ ଏକକ ଗୁଡ଼ିକରେ ପରିବେଶ ଅଧ୍ୟୟନ ଶିକ୍ଷଣରେ ଫଳପ୍ରଦ ଆକଳନ ଓ ଶିକ୍ଷାର୍ଥୀମାନଙ୍କ ଉପଲବ୍ଧି ଏବଂ ଅଗ୍ରଗତି ସଂପର୍କରେ ତୁମେ ମାନେ ଶିଖି ସାରିଛ । ତୁମେ ଜାଣ ଯେ ଆକଳନ ବିଦ୍ୟମାନଥିବା ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ପାଇଁ ଦିଗ ନିର୍ଦ୍ଧାରଣ କରେ । ଏହା ମଧ୍ୟ ଧାରଣା ଓ ଦକ୍ଷତା ଗୁଡ଼ିକର ଶିକ୍ଷଣରେ ଥିବା ଶୂନ୍ୟତାକୁ ଚିହ୍ନଟ କରେ ।

ତେଣୁ ମୂଲ୍ୟାୟନର ମୂଳ କାରଣ ହେଲା ଶିକ୍ଷଣର ଅଭିବୃଦ୍ଧି । ତେଣୁ କରି ଆକଳନ ପରୀକ୍ଷାଠାରୁ ଯଥେଷ୍ଟ ଅଧିକ ଏବଂ ଶିକ୍ଷାଦାନ ଶିକ୍ଷଣ ଓ ତଦାରଖ କାର୍ଯ୍ୟର ବୃଦ୍ଧି ନିମନ୍ତେ ଅନେକ ଔପଚାରିକ ଓ ଅନୌପଚାରିକ ଶିକ୍ଷଣ କାର୍ଯ୍ୟ କରାଯାଇଥାଏ ।

ଶ୍ରେଣୀ ଭିତରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ଉପଲବ୍ଧି ଆକଳନର ଫଳାଫଳ ଅର୍ଥପୂର୍ଣ୍ଣ ଭାବେ ବ୍ୟବହୃତ ନହେଲା ପର୍ଯ୍ୟନ୍ତ ଶୈକ୍ଷିକ ମୂଲ୍ୟାୟନର ଅଗ୍ରଗତି ଓ ଫଳାଫଳ ହୃଦୟଙ୍ଗମ କରିହେବ ନାହିଁ । ଏହି ଅଧ୍ୟାୟରେ ଉପଲବ୍ଧି ଆକଳନର ଫଳାଫଳ କିପରି ଭଲ ଭାବରେ ନିର୍ଦ୍ଧାରଣ ଓ ବିଶ୍ଳେଷଣ କରାଯାଇ ପାରିବ, ଶିକ୍ଷଣରେ

ଶୂନ୍ୟତାକୁ କିପରି ଚିହ୍ନଟ କରାଯିବା ଓ ଶିକ୍ଷାର୍ଥୀମାନଙ୍କ ସାମର୍ଥ୍ୟ ଓ ଦୁର୍ବଳତା ଆଧାରରେ ବିଭିନ୍ନ ଶିକ୍ଷାର୍ଥୀଙ୍କ ସହ କାର୍ଯ୍ୟ କରିବା ସହ ଆମେ ଆଲୋଚନା କରିବା । ଆମେ ମଧ୍ୟ ବୁଝିବା ଯେ ଥରେ ଆକଳନ କାର୍ଯ୍ୟ ଆରମ୍ଭ ହେଲେ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣର ପରବର୍ତ୍ତୀ ଯୋଜନା ଓ ଏହାର ଶିକ୍ଷଣ ଆକଳନ ଫଳାଫଳକୁ କିପରି ବ୍ୟବହାର କରିବେ ।

## ୧୧.୧- ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ଶିକ୍ଷଣ ସମାପ୍ତି ପରେ ତୁମେ ନିମ୍ନୋକ୍ତ ଉଦ୍ଦେଶ୍ୟଗୁଡ଼ିକ ହାସଲ କରିବାରେ ସମର୍ଥ ହେବ ।

-ଶିକ୍ଷାର୍ଥୀ ଓ ପିତାମାତାଙ୍କୁ ଶୈକ୍ଷିକ ଆକଳନ ଫଳାଫଳକୁ ବିନିମୟ କରିପାରିବ ।

-ଶିକ୍ଷାର୍ଥୀଙ୍କ ଶିକ୍ଷଣ ସାମର୍ଥ୍ୟ ଓ ଦୁର୍ବଳତା ଚିହ୍ନଟ କରିପାରିବ ।

-ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଶୂନ୍ୟତାକୁ ଦୂର କରିବାରେ ସେମାନଙ୍କୁ ସହାୟତା ଓ ମାର୍ଗଦର୍ଶନ କରିପାରିବ ।

-ଚିହ୍ନିତ ଶିକ୍ଷଣ ଶୂନ୍ୟତା ନିମିତ୍ତ ବିକଳ୍ପ ଶିକ୍ଷଣ କାର୍ଯ୍ୟଗୁଡ଼ିକର ଯୋଜନା କରିପାରିବ ।

-ଶିକ୍ଷଣର ଅତିରିକ୍ତ ଦୃଢ଼ିକରଣ ପାଇଁ ଶିକ୍ଷଣ କାର୍ଯ୍ୟ ପରିଚାଳନା କରିପାରିବ ।

## ୧୧.୨- ଶିକ୍ଷାର୍ଥୀଙ୍କ ଅଗ୍ରଗତିର ବିବରଣୀ ପ୍ରଦାନ କରିବା

ବିବରଣୀ ପ୍ରଦାନ କରିବା ଆକଳନ ପ୍ରକ୍ରିୟାର ଦ୍ୱିତୀୟ ଅତ୍ୟାବଶ୍ୟକ ଭାଗ ଅଟେ । ତେଣୁ ଶିକ୍ଷାର୍ଥୀର ଶିକ୍ଷଣ ଆକଳନରୁ ମିଳିଥିବା ସୂଚନାକୁ ନିଜେ ଶିକ୍ଷାର୍ଥୀ ଓ ସଂପୃକ୍ତ ଉପଯୁକ୍ତ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରିବାର ଏହା ଏକ ପଦ୍ଧତି । ଏହା ବ୍ୟତିତ ଆକଳନ ନିଜସ୍ୱ ମୂଲ୍ୟ/ଗୁରୁତ୍ୱ ହରାଇବ । ଶିକ୍ଷାର୍ଥୀଙ୍କ ଉପଲବ୍ଧି ଓ ଅଗ୍ରଗତି ବିଷୟରେ ନିଜେ ଶିକ୍ଷାର୍ଥୀ ପିତାମାତା ଓ ଶିକ୍ଷକମାନଙ୍କୁ ପ୍ରତିପୃଷ୍ଟି ପ୍ରଦାନ କରି ଶିକ୍ଷାଦାନ ଓ ଶିକ୍ଷଣ ଏବଂ ଶିକ୍ଷଣ ପ୍ରକ୍ରିୟାକୁ ସହାୟତା କରିବା ଓ ପରବର୍ତ୍ତୀ ବିକାଶ ପାଇଁ କ୍ଷେତ୍ର ସୂଚିତ କରିବା ବିବରଣୀ ପ୍ରଦାନର ଉଦ୍ଦେଶ୍ୟ ଅଟେ ।

ଏହା କରିବାର ମାର୍ଗ ବହୁବିଧ ରହିଛି । ମୁଦ୍ରିତ ଯେପରି ବିବରଣୀ କାର୍ଡ, ପ୍ରମାଣ ସିଦ୍ଧ ଦଲିଲ୍, ବୈଦ୍ୟୁତିକ ବିବରଣୀ ପ୍ରଦାନ, ବ୍ୟକ୍ତଗତ ସାକ୍ଷାତ ଆଦି ଅନେକ । ପ୍ରତ୍ୟେକର ନିଜସ୍ୱ ଅପକାର ଓ ଉପକାର ଅଛି । ପରିସ୍ଥିତି ଓ ଚାହିଦା ଅନୁଯାୟୀ ଆବଶ୍ୟକ ସ୍ଥଳେ ଏ ଗୁଡ଼ିକର ବ୍ୟବହାର କରାଯାଇପାରେ, ତେବେ ବିବରଣୀ ପ୍ରଦାନରେ ତତ୍ପରତା ଏହାର ଏକ ଅତ୍ୟାବଶ୍ୟକ ଓ ମହତ୍ୱପୂର୍ଣ୍ଣ ମାନଦଣ୍ଡ ।

ଶିକ୍ଷକଙ୍କ ଆକଳନର ବିବରଣୀର ଭାଷା ଶବ୍ଦ ଶିକ୍ଷାର୍ଥୀ ଓ ପିତାମାତାଙ୍କ ପାଇଁ ଅନେକ ଅର୍ଥ ବହନ କରେ । ଶିକ୍ଷକ ଏହି ବିଷୟରେ ସଚେତନ ହେବା ଆବଶ୍ୟକ । ଆକଳନ ଫଳାଫଳ ବିବରଣୀ ପ୍ରଦାନ କରିବା ସମୟରେ ଶିକ୍ଷକ ସମ୍ବେଦନଶୀଳ ହୋଇ ମନେରଖିବା ଉଚିତ ଯେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିକ୍ଷାର୍ଥୀଙ୍କୁ ଅଗ୍ରଗତିରେ ସାହାଯ୍ୟ କରିବା । ତେଣୁ ଆକଳନ ବିବରଣୀକୁ ଅନେକ ସମୟରେ ଶିକ୍ଷାର୍ଥୀର ଅଗ୍ରଗତି ବିବରଣୀ ବୋଲି କୁହାଯାଏ ।

ଶିକ୍ଷାର୍ଥୀ ଓ ସେମାନଙ୍କ ମାତାପିତା ମାନେ ଅଗ୍ରଗତି ଜାଣିବାପାଇଁ ବ୍ୟଗ୍ର ରହିଥାନ୍ତି । ପିଲାର ଅଗ୍ରଗତି ପ୍ରଗତି ପତ୍ରର ଅଗ୍ରଗତିର ଗୁରୁତ୍ୱପୂର୍ଣ୍ଣ ଦିଗ ଗୁଡ଼ିକୁ ଆଲୋକପାତ କରବା ପାଇଁ ଆକଳନର ଶିକ୍ଷଣ କୈନ୍ଦ୍ରିକ ସକରାତ୍ମକ ଆକଳନ ପାଇଁ ପ୍ରଗତି ପତ୍ରରେ ଶିକ୍ଷଣ କୈନ୍ଦ୍ରିକ ସକରାତ୍ମକ ପନ୍ଥା ସାହାଯ୍ୟ କରେ । ଆକଳନର ନିର୍ଦ୍ଦିଷ୍ଟ ସକରାତ୍ମକ ପର୍ଯ୍ୟବେକ୍ଷଣ ସହିତ ଶିକ୍ଷଣ ଶୂନ୍ୟତା ଗୁଡ଼ିକୁ ସୂଚିତ କରିବା ଏକ

ଅତ୍ୟାବଶ୍ୟକ ଅଂଶ ଅଟେ । ତେଣୁ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ଓ ଅଗ୍ରଗତିର ସହାୟତା ପାଇଁ ପିତାମାତା ଓ ଶିକ୍ଷକମାନଙ୍କ ମଧ୍ୟରେ ଏହା ସମ୍ବନ୍ଧ ବିକାଶ କରିବା ଉଚିତ ।

### ୧୧.୨.୧- ଫଳପ୍ରଦ ଏବଂ ସୂଚନାତ୍ମକ ବିବରଣୀ ପାଇଁ ନିୟମାବଳୀ

ଶିକ୍ଷାର୍ଥୀମାନଙ୍କ ଅଗ୍ରଗତି ସଂପର୍କରେ ଆକଳନ ବିବରଣୀ, ସାଧାରଣ ମନ୍ତବ୍ୟ ଗୁଡ଼ିକ ଖୁବ୍ କମ୍ ସୂଚନା ଦେଇଥାଏ । ତେଣୁ ଫଳପ୍ରଦ ଓ ସୂଚନାତ୍ମକ ବିବରଣୀ ଲିଖନ ନିମ୍ନୋକ୍ତ ଦିଗ ଆଧାରିତ ହେବା ଉଚିତ ।

- ଏହା ବୈଧ, ସ୍ୱଚ୍ଛ ଓ ନିର୍ଭୁଲ ହେବା ଉଚିତ ।
- ପିଲାଙ୍କର ସାମର୍ଥ୍ୟ ଓ ଦୁର୍ବଳତାକୁ ଦର୍ଶାଇବା ଦରକାର ।
- ଏହା ଶିକ୍ଷାର୍ଥୀ କୈନ୍ଦ୍ରିକ ହେବା ଦରକାର ଯଥା- ଶିକ୍ଷାର୍ଥୀମାନେ ଶିକ୍ଷଣ କାର୍ଯ୍ୟ ସଂପର୍କିତ ଆଲୋଚନାରେ ଅଂଶଗ୍ରହଣ ଓ ସେମାନଙ୍କ ଉପଲବ୍ଧି ଓ ଅଗ୍ରଗତି ଉପରେ ଚିନ୍ତନ ଏବଂ ସକ୍ରିୟ ତଦାରଖ କରିବା ଉଚିତ । ଶିକ୍ଷଣ ପ୍ରତି ସେମାନଙ୍କ ଅଭିପ୍ରେରଣ ଓ ପ୍ରତିଶୃତିବଦ୍ଧତା ଅଭିବୃଦ୍ଧି କରିବା ଶିକ୍ଷାର୍ଥୀମାନଙ୍କ ଶିକ୍ଷଣରେ ସହାୟତା ।
- ସମୟ ଉପଯୋଗୀ ଏବଂ ପରିଚାଳନା ଯୋଗ୍ୟ ହେବା ଉଚିତ । ଶିକ୍ଷକ ସେମାନଙ୍କ ବିବରଣୀ ପ୍ରସ୍ତୁତ କୈଶଳର ସମୟ ବାରମ୍ବାରତା ଓ ପ୍ରକୃତିର ଯୋଜନା ଯତ୍ନସହ କରିବା ଦରକାର ।
- ବ୍ୟକ୍ତିଗତ ଉପଲବ୍ଧି ଓ ଅଗ୍ରଗତିକୁ ସ୍ୱୀକୃତି ଦେବା ଦରକାର । ଶିକ୍ଷାର୍ଥୀଙ୍କ ସ୍ୱମର୍ଯ୍ୟାଦା ଓ ସାଧାରଣ ଭଲମନ୍ଦ ପ୍ରତି ସମ୍ବେଦନଶୀଳ ହେବା ଓ ସଚୋଟ ତଥା ଗଠନମୂଳକ ପ୍ରତିପୁଷ୍ଟ ପ୍ରଦାନ କରିବା ।
- ନୈତିକ ମୂଲ୍ୟବୋଧ ଓ ମନୋବୃତ୍ତି ଉପରେ ଗୁରୁତ୍ୱ ଦେବା । ଏଗୁଡିକ ଜ୍ଞାନ, ବୁଝିବା ଶକ୍ତି ତଥା ଦକ୍ଷତା ଫଳାଫଳର ପୃଥକ ଏବଂ ପରିବେଶ ଅଧ୍ୟୟନ ଶିକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ତେଣୁ ଏହାର ବିବରଣୀ ପ୍ରସ୍ତୁତ ଫଳପ୍ରଦ ଭାବେ ହେବା ଉଚିତ ।
- ଅବିଭାବକମାନଙ୍କୁ ସକ୍ରିୟଭାବେ ସଂପୃକ୍ତ କରିବା ଉଚିତ । ବିକାଶଧାରାକୁ ବଜାୟ ରଖିବା ଓ ଅଗ୍ରଗତିର ବିବରଣୀକୁ ସମୀକ୍ଷା କରିବାରେ ଶିକ୍ଷକମାନେ ପିତାମାତାଙ୍କ ସଂପୂର୍ଣ୍ଣ ଅଂଶ ଗ୍ରହଣକୁ ନିଶ୍ଚିତ କରିବା ଉଚିତ ।
- ଅର୍ଥପୂର୍ଣ୍ଣ ଓ ଉପଯୋଗୀ ସୂଚନା ଏବଂ ପ୍ରତିପୁଷ୍ଟି ପ୍ରଦାନ କରିବା ଉଚିତ୍ । ଫଳରେ ଶିକ୍ଷାର୍ଥୀମାନଙ୍କ ଭବିଷ୍ୟତ ଶିକ୍ଷଣ ବିକାଶର ଯୋଜନା କରାଯାଇପାରିବ । କାର୍ଯ୍ୟକୁ ସହମେଳ କରାଯାଇ ବର୍ତ୍ତମାନ ପାଠ୍ୟ ଉପଯୋଗୀ ଓ ସଫଳତାକୁ ସହମେଳ କରାଯିବ ।

### ୧୧.୨.୨. ଆକଳନ ଫଳାଫଳର ପ୍ରତିପୁଷ୍ଟି

ଏହା ନିମ୍ନୋକ୍ତ ଦିଗଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଉଚିତ ।

- ନିର୍ଦ୍ଦିଷ୍ଟ ଦକ୍ଷତା କିମ୍ବା ଶିକ୍ଷଣ ସୂଚକ ଉପରେ ଗ୍ରେଡ୍ ସହ ଗୁଣାତ୍ମକ ମତାମତ ଦିଆଯିବ । ଯଦି ସମ୍ଭବ ହୁଏ ଏକ ନିର୍ଦ୍ଦିଷ୍ଟ ଦକ୍ଷତାକୁ ଛୋଟ ଛୋଟ ଦକ୍ଷତାରେ ଭାଙ୍ଗିଦିଆଯିବ, ଯାହାକି ପର୍ଯ୍ୟବେକ୍ଷଣ ଓ ମାପ କରିହେଉଥିବ ।
- ଶିକ୍ଷାର୍ଥୀଙ୍କ ଅଧିକତର ଅଗ୍ରଗତି ପାଇଁ ସହାଯ୍ୟର ଉପାୟ ସମୂହ ।

ଶିକ୍ଷାର୍ଥୀ କେତେ ସୁନ୍ଦର ଭାବେ କାର୍ଯ୍ୟଟି କରିଥାଏ ତାର ଏକ ବର୍ଣ୍ଣନା ହେଉଛି ଗୁଣାତ୍ମକ ପ୍ରତିପୁଷ୍ଟି । 'ଭଲ', 'ଅତି ଭଲ' ଓ "ସାହାଯ୍ୟ ଦରକାର" ଆଦି ହେଉଛି ଗୁଣାତ୍ମକ ମନ୍ତବ୍ୟ, କିନ୍ତୁ ଏହା ଶିକ୍ଷାର୍ଥୀର ଦକ୍ଷତା ସ୍ତରକୁ ସୂଚାଇନଥାଏ । ଏହା ପରିବର୍ତ୍ତେ ଆଲୋଚନାକାଳରେ ଯଦି ଶିକ୍ଷକଙ୍କ ମନ୍ତବ୍ୟ ସୂଚିତ କରେ ଯେ ପ୍ରଥମ ପରୀକ୍ଷାରେ 'ଭଲ' ଦ୍ୱିତୀୟରେ ଏକ ମନ୍ତବ୍ୟ ଦିଅନ୍ତି 'ସୁଧା' ଅନ୍ୟମାନଙ୍କୁ ଆଘାତ ନ ଦେଇ ନିଜର ସକରାତ୍ମକ ଓ ନକାରାତ୍ମକ ମତାମତ ପ୍ରକାଶ କରିବା ଶିଖିଛି । ତେବେ ବିବରଣୀ ପତ୍ରର ଯୋଗାଯୋଗ ମୂଲ୍ୟ ଅଧିକ ସମୟରେ ବୃଦ୍ଧି କରି ହୋଇଥାଏ । ପରେ ଏହି ବିବରଣୀ 'ସୁଧା'ର ନିର୍ଦ୍ଦିଷ୍ଟ ଓ ଉଲ୍ଲେଖଯୋଗ୍ୟ ଅଗ୍ରଗତି ସଂପର୍କରେ ସୂଚନା ଦେଇଥାଏ । ଯଦିଓ 'ଭଲ' ଓ ଅତିଭଲ ଗୁଣାତ୍ମକ ମନ୍ତବ୍ୟର ଏକ ସାଧାରଣ କଥା, ତେବେ ଶିକ୍ଷକଙ୍କ ଦ୍ୱାରା 'ସୁଧା' ର ଅଗ୍ରଗତି ଉପରେ ଦିଆଯାଇଥିବା ମନ୍ତବ୍ୟ ପ୍ରମାଣାତ୍ମକତା ସୂଚିତ କରେ ।

### ୧୧.୨.୩ ନମୁନା ବିବରଣୀ

NCERT ଦ୍ୱାରା ପ୍ରକାଶିତ ପଞ୍ଚମ ଶ୍ରେଣୀ (ପରିବେଶ ଅଧ୍ୟୟନ) ପାଇଁ ଆକଳନ ଉପରେ ମୂଳ ପୁସ୍ତିକାର ନିମ୍ନୋକ୍ତ ଉଦାହରଣ ଧାରାବାହିକ ଓ ସଂବ୍ୟାପକ ଆକଳନ (CCE) ଉପରେ ଆଲୋକପାତ କରିଥାଏ । ନିମ୍ନୋକ୍ତ ନମୂନାଟିକୁ ଦେଖ ।

| ପରିବେଶ ଶିକ୍ଷା ଅଧ୍ୟୟନ | ସାହାଯ୍ୟ ଆବଶ୍ୟକ କରେ | କଷ୍ଟର ସହ କରିପାରିବ | କରିପାରିବ |
|---|---|---|---|
| ଶରୀର ମଧ୍ୟରେ ବିଭିନ୍ନ ଅଙ୍ଗପ୍ରତଙ୍ଗର କାର୍ଯ୍ୟ ବିଷୟରେ ଜାଣିବା | | | |
| ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନତା ଓ ସୁନ୍ଦର ସ୍ୱାସ୍ଥ୍ୟର ରକ୍ଷଣାବେକ୍ଷଣା ମଧ୍ୟରେ ଥିବା ସଂପର୍କକୁ କରିବା | | | |
| ଘରେ ବାସକରିବା ନିମନ୍ତେ ମନୁଷ୍ୟର ଆବଶ୍ୟକତା ଗୁଡିକୁ ଚିହ୍ନଟ କରବା | | | |
| ଜଳବାୟୁର ଅବସ୍ଥା ଅନୁସାରେ ବିଭିନ୍ନ ଘରକୁ ଚିହ୍ନଟ କରିବା | | | |
| ବିଭିନ୍ନ ଖାଦ୍ୟ ଦ୍ରବ୍ୟ ଓ ପୁଷ୍ଟିକର ଉପାଦେୟତାକୁ ବର୍ଗୀକରଣ କରିବା | | | |
| ଖାଦ୍ୟ ଉତ୍ପାଦନ କରୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ଯଥା କେଉଟ, କୃଷକ | | | |
| ଭାରତର ରାଜନୈତିକ ମାନଚିତ୍ରରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସ୍ଥାନିତ କରିବା | | | |
| ବିଭିନ୍ନ ଭାଗରେ ବାସ କରୁଥିବା ଲୋକମାନଙ୍କର ଖାଦ୍ୟାଭ୍ୟାସକୁ ଓ ଜଳବାୟୁ ସହିତ ସଂପର୍କକୁ ଜାଣିବା । | | | |

ଉପରୋକ୍ତ ସାରଣୀରେ ପରିବେଶ ଅଧ୍ୟୟନ ପ୍ରସଙ୍ଗ ଗୁଡିକ ତାଲିକା ଭୁକ୍ତ ହୋଇଛି ଓ ଏଥିରେ ଶିକ୍ଷାର୍ଥୀମାନଙ୍କ ନିର୍ଦ୍ଦିଷ୍ଟ ଦକ୍ଷତା ସ୍ଥାନିତ ହୋଇନାହିଁ । ଶିକ୍ଷକମାନଙ୍କ ମନ୍ତବ୍ୟ ସାଧାରଣ କିନ୍ତୁ ନିର୍ଦ୍ଦିଷ୍ଟ ନୁହେଁ ଯେପରି ଜଳବାୟୁ ଅନୁସାରେ ଘରଗୁଡିକର ପ୍ରକାର ଚିହ୍ନଟ କରିବା । ଗୋଟିଏ ବିଦ୍ୟାଳୟରେ ପିଲାର ନିର୍ଦ୍ଦିଷ୍ଟ ଦକ୍ଷତା ଗୁଡ଼ିକର ନିର୍ଦ୍ଦିଷ୍ଟ ସୂଚକମାନ ଥାଏ ଯାହା ପାଇଁ ଭଲ ବା ଅତିଭଲ ମନ୍ତବ୍ୟ ଥାଏ । ଏହି ମନ୍ତବ୍ୟ ଗୁଡିକ ସାଧାରଣ କିନ୍ତୁ ଶିକ୍ଷକଙ୍କ ନିର୍ଦ୍ଦିଷ୍ଟ ମନ୍ତବ୍ୟଗୁଡିକ ମଧ ପ୍ରଦାନ କରାଯାଇଥାଏ । ନିମ୍ନୋକ୍ତ ମନ୍ତବ୍ୟଗୁଡିକୁ ଦେଖନ୍ତୁ ।

| ପରିବେଶ ଅଧ୍ୟୟନ | ଅର୍ଦ୍ଧବାର୍ଷିକ-୧ | ଅର୍ଦ୍ଧବାର୍ଷିକ-୨ |
|---|---|---|
| ୧- ପର୍ଯ୍ୟବେକ୍ଷଣ ଦକ୍ଷତା | ଭଲ | ଭଲ |
| ୨- ବୋଧଗମ୍ୟତା / ବୁଝିବା | ଭଲ | ଅତିଭଲ |
| ୩-ବାସ୍ତବ ଜୀବନ ପରିସ୍ଥିତିରେ ପ୍ରୟୋଗ କରିବା | ଅତିଭଲ | ଅତିଭଲ |
| ୪-ସାଧାରଣ ସଚେତନା | ଅତିଭଲ | ଅତିଭଲ |
| ୫-ପୁନଃ ସ୍ମରଣ/ ଅବଧାରଣ | ଅତିଭଲ | ଅତିଭଲ |
| ୬-ସହସମ୍ବନ୍ଧ ଦକ୍ଷତା | ଅତିଭଲ | ଅତିଭଲ |
| ୭-ବିଶ୍ଳେଷଣ କରିବା ଦକ୍ଷତା | ଅତିଭଲ | ଅତିଭଲ |
| ୮-ଶ୍ରେଣୀ ଆଲୋଚନା | ଅତିଭଲ | ଅତିଭଲ |
| ୯-ସଂଗ୍ରହ କୌଶଳ | ଅତିଭଲ | ଅତିଭଲ |
| ୧୦-ପ୍ରକଳ୍ପ କାର୍ଯ୍ୟ | ଅତିଭଲ | ଅତିଭଲ |
| ୧୧-ଦଳଗତ କାର୍ଯ୍ୟ | ଅତିଭଲ | ଅତିଭଲ |
| ୧୨-ଅଂଶଗ୍ରହଣ | ଅତିଭଲ | ଅତିଭଲ |
| ୧୩-ଉଦ୍ୟମ କରିବା | ଅତିଭଲ | ଅତିଭଲ |
| ୧୪-ଉପସ୍ଥାପନା - | | |
| (୧)ମୌଖିକ | ଅତିଭଲ | ଅତିଭଲ |
| (୨) ଲିଖିତ | ଅତିଭଲ | ଅତିଭଲ |
| (୩)ଚିତ୍ରିତ | ଅତିଭଲ | ଅତିଭଲ |
| ୧୫-କୌତୁହଳତା | ଭଲ | ଅତିଭଲ |
| ମାନ ନିର୍ଦ୍ଧାରଣ | A+ | A+ |

ଟିପ୍ପଣୀ

ପ୍ରକୃତ ଆମକୁ ଭଲ ଓ ଅତିଭଲ କ'ଣ ସୂଚିତ କରେ । ତୁମେ ଭାବୁଛକି ଉପରୋକ୍ତ ଉପାୟରେ ବିବରଣୀ ପ୍ରଦାନ ପିଲା, ଏପରିକି ଶିକ୍ଷକଙ୍କ ପାଇଁ କିଛି ମୂଲ୍ୟ ଯୋଗ କରିଥାଏ କି ? ଉତ୍ତମ ଭାବେ ବିବରଣୀ ପ୍ରସ୍ତୁତ କଲାବେଳେ ଶିକ୍ଷକ ନିର୍ଦ୍ଦିଷ୍ଟ ମନ୍ତବ୍ୟ ପ୍ରଦାନ କରିବା ଗୁରୁତ୍ୱପୂର୍ଣ୍ଣ, କେବଳ ଭଲ ବା ଭଲ ନୁହେଁ ଦେବା ଉଚିତ ନୁହେଁ । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଶିକ୍ଷାର୍ଥୀ ଧାରାବାହିକ ଆକଳନ ଦ୍ୱାରା ସହାୟତା ପାଇଥାଏ । ତେଣୁ ମାସମାସ ଧରି ଶିକ୍ଷାର୍ଥୀଙ୍କୁ ଦିଆଯାଇଥିବା ମନ୍ତବ୍ୟ ତାର ପୂର୍ବ ଆକଳନ ମନ୍ତବ୍ୟ ସହ ତୁଳନା ମଧ୍ୟ କରାଯାଏ । ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ କ୍ଷେତ୍ରରେ ଏହା ବାସ୍ତବ ଅଗ୍ରଗତି ପ୍ରଦର୍ଶନ କରିଥାଏ ।

## ୧୧.୨.୪- ଅଗ୍ରଗତି ବିବରଣୀ ପ୍ରଦାନ କରିବା ପାଇଁ କୃତି ସମୂହ

ଶିକ୍ଷାର୍ଥୀଙ୍କ ଅଗ୍ରଗତିର ବିବରଣୀ ପ୍ରଦାନ ପାଇଁ କେତେକ ବିଦ୍ୟାଳୟ କୃତି ଗୁଡ଼ିକୁ ବ୍ୟବହାର କରନ୍ତି । ବର୍ଷ ସାରା ଶିକ୍ଷାର୍ଥୀ ଦ୍ୱାରା କରାଯାଇଥିବା ବାସ୍ତବ କାର୍ଯ୍ୟ ଗୋଟିଏ କୃତିରେ ସଂଗ୍ରହ କରାଯାଇପାରିବ । ଶିକ୍ଷକ ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟଗୁଡ଼ିକୁ ସଂଗ୍ରହ କରନ୍ତି ଓ ପ୍ରତ୍ୟେକ ଶିକ୍ଷାର୍ଥୀର ସ୍ୱତନ୍ତ୍ର ନଥିରେ ଏକତ୍ରୀତ କରି ରଖିଥାନ୍ତି । ଶିକ୍ଷା ବର୍ଷର ଅଗ୍ରଗତି ସଙ୍ଗେ ସଙ୍ଗେ ନିମ୍ନୋକ୍ତ ପ୍ରକାରର କୃତି ଭଳି ଅନେକ କୃତିର ସଂଗ୍ରହରେ କୃତି ସମୂହର ଅଭିବୃଦ୍ଧି ଘଟେ ।

- ପରିବାରର ସଦସ୍ୟମାନଙ୍କ ଚିତ୍ରାଙ୍କନ ଓ ରେଖାଚିତ୍ର
- ପତ୍ର ଓ ବିଭିନ୍ନ ପ୍ରକାର ତନ୍ତୁ ବିନ୍ୟାସ ଆଧାରିତ କନାଖଣ୍ଡ ଏବଂ ଫୁଲ
- ଶ୍ରେଣୀ କାର୍ଯ୍ୟର କାର୍ଯ୍ୟଫର୍ଦ୍ଦ, ଉତ୍ତର ଫର୍ଦ୍ଦ, ଗୋଟିଏ କାରଖାନା ପରିଦର୍ଶନର ବିବରଣୀ
- ନିଜ ସାଙ୍ଗମାନଙ୍କ ପ୍ରତିଥିବା ମନୋଭାବ ପ୍ରକାଶ କରୁଥିବା ଚିରକୁଟି ।
- ବିଦ୍ୟାଳୟର ଅତିଥିମାନଙ୍କପାଇଁ ପ୍ରସ୍ତୁତ ହୋଇଥିବା ଅଭିନନ୍ଦନ ପତ୍ର
- ସାଙ୍ଗମାନଙ୍କଠାରୁ ପାଇଥିବା ପତ୍ର
- କାଗଜ ଓ ମାଟିର ହସ୍ତକର୍ମ

ପିଲାଙ୍କ କୃତି ପାଇଁ ନିମ୍ନୋକ୍ତ ଦିଗ ଗୁଡ଼ିକ ପ୍ରତି ଶିକ୍ଷକ ଯତ୍ନଶୀଳ ହେବା ଉଚିତ । କେବଳ ସର୍ବୋତ୍ତମ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରିବା ଉଚିତ ।

- ଆକଳନ ନଥି ଓ ପରୀକ୍ଷଣ ପ୍ରାପ୍ତାଙ୍କ ବ୍ୟତୀତ ଶିକ୍ଷାର୍ଥୀ ଦ୍ୱାରା କରାଯାଇଥିବା ବାସ୍ତବ କାର୍ଯ୍ୟକୁ ରଖିବା ଉଚିତ ।
- ଏହାକୁ ଯତ୍ନର ସହିତ ସାଇତି ରଖନ୍ତୁ ଓ ସୁନ୍ଦରଭାବେ ଆବଶ୍ୟକ ସମୟରେ ପିତାମାତାଙ୍କୁ ପ୍ରଦାନ କରନ୍ତୁ ।

ବିବରଣୀ ପ୍ରଦାନ କରିବା ବେଳେ:

- ଏହା ଗୁରୁତ୍ୱପୂର୍ଣ୍ଣ ଯେ ବିଭିନ୍ନ ପ୍ରକାରର ଅନେକ ଦକ୍ଷତା ଯୋଡା ଯାଇ ଥିବା ଫଳରେ ଗୋଟିଏ ଶିକ୍ଷାର୍ଥୀର ବିବିଧ ସାମର୍ଥ୍ୟର ବିବରଣୀ ପ୍ରଦାନ କରାଯାଏ ।
- ପ୍ରତ୍ୟେକ ସୂଚକ ଗୋଟିଏ ପୃଥକ ସ୍ତର ପାଇଁ ଦିଆଯାଏ । ଭିନ୍ନ ଭିନ୍ନ ସୂଚକ ଗୁଡ଼ିକ ପାଇଁ ଗୋଟିଏ ଶିକ୍ଷାର୍ଥୀ ବିଭିନ୍ନ ସାମର୍ଥ୍ୟ ସ୍ତରରେ ରହିପାରିବ ।

- ପରିବେଶ ଅଧ୍ୟୟନରେ ଶିକ୍ଷାର୍ଥୀର ଅଗ୍ରଗତିର ସାମଗ୍ରିକ ବିବରଣୀ ସଂପର୍କରେ ସୂଚିତ କରିବା । ପରିବେଶ ଅଧ୍ୟୟନ ଶିକ୍ଷଣ ଉଦ୍ଦେଶ୍ୟ ଗୁଡ଼ିକ ସଂପର୍କିତ ଶିକ୍ଷାର୍ଥୀମାନଙ୍କ ବିକାଶ ପାଇଁ ଶିକ୍ଷକମାନଙ୍କ ବିଚାର ଜଣାଇବା କଥାଟି ପିତାମାତାଙ୍କୁ  ସ୍ପଷ୍ଟ ଭାବେ ଜଣାଇବା ଆବଶ୍ୟକ ।
- ବିଶ୍ଳେଷିତ ଶିକ୍ଷଣ, ଶିକ୍ଷଣ ଶୂନ୍ୟତା ଆଧାରରେ ଶିକ୍ଷାର୍ଥୀମାନଙ୍କ ବିକାଶରେ ପିତାମାତାଙ୍କର ଅଂଶ ଗ୍ରହଣ ପାଇଁ ମାର୍ଗ ଦର୍ଶନ ଦିଆଯିବା ଆବଶ୍ୟକ ।

**ନିଜ ଅଗ୍ରଗତି ଆକଳନ-୧**

୧. ଶିକ୍ଷାର୍ଥୀମାନଙ୍କ ପ୍ରଦାନ କରିବା ଆବଶ୍ୟକ କାହିଁକି ?

..............................................................................................

..............................................................................................

..............................................................................................

୨.ବିବରଣୀ ପ୍ରଦାନର ତିନୋଟି ମୂଖ୍ୟ ନୀୟମାବଳୀ ଲେଖ ?

..............................................................................................

..............................................................................................

..............................................................................................

୩. କୃତି କ'ଣ ?  ଏବଂ ଏହା ଅଗ୍ରଗତି ବିବରଣୀ ପ୍ରଦାନରେ କିପରି ସାହାଯ୍ୟ କରେ ?

..............................................................................................

..............................................................................................

..............................................................................................

## ୧୧.୩. ଶିକ୍ଷଣରେ ଶୂନତା ସମୂହକୁ ବିଶ୍ଳେଷଣ

ଗୋଟିଏ ନିର୍ଦ୍ଦିଷ୍ଟ ଏକକ କିମ୍ବା ପ୍ରସଙ୍ଗ ଶେଷ କରିବା ପରେ ତୁମେ ସାଧାରଣତଃ ଶିକ୍ଷାର୍ଥୀର ଉପଲବ୍ଧ ଆକଳନ କରିବା ପାଇଁ ଗୋଟିଏ ପରୀକ୍ଷଣ ପରିଚାଳନା କରିଥାଏ । ଆକଳନ ପରେ କେତେକ ଶିକ୍ଷାର୍ଥୀ ଅତି ଭଲ କରିଥିବା ବେଳେ ଅନ୍ଯ କେତେକ ସମସ୍ତ ଇପ୍‌ସିତ ଶିକ୍ଷଣ ଫଳାଫଳ କରିପାରିନଥାନ୍ତି । ବର୍ତ୍ତମାନ ତୁମ୍ଭେ ଏହା ପଛରେ ଥିବା କାରଣକୁ ଖୋଜି ବାହାର କରିବାକୁ ଚେଷ୍ଟା କର । ନିର୍ଦ୍ଦିଷ୍ଟ କ୍ଷେତ୍ର ବା କ୍ଲିଷ୍ଟିତ ଥିବା ଧାରଣା ବା ଆପଣ ଯେଉଁଠାରେ ଶିକ୍ଷଣରେ ମୁଖ୍ୟ ଶୂନ୍ୟତା ପାଆନ୍ତି, ସେଗୁଡିକୁ ଖୋଜି ବାହାର କରିବା ଅତି ଆବଶ୍ୟକ ଅଟେ । ଶିକ୍ଷଣର ଏହି କ୍ଷେତ୍ରଗୁଡିକୁ ବିଶ୍ଳେଷଣ  କରିବା ନିମିତ୍ତ ଅନୁସନ୍ଧାନ ମୂଳକ ପରୀକ୍ଷଣ ପ୍ରୟୋଗ କରାଯାଏ ।

### ୧୧.୩.୧ ଅନୁସନ୍ଧାନମୂଳକ ପରୀକ୍ଷଣର ଆବଶ୍ୟକତା ଓ ଉପାଦେୟତା

ଅନୁସନ୍ଧାନ ମୂଳକ ପରୀକ୍ଷଣ ଏକ ବ୍ୟକ୍ତିଗତ ପରିଚାଳିତ ଦଣ୍ଡକାର୍ଯ୍ୟ ଓ ପ୍ରତିଫଳିତ କରେ ଯେ ପ୍ରତ୍ୟେକ

ଶିକ୍ଷାର୍ଥୀ ପୃଥକ । ଏହି ପରୀକ୍ଷଣ ଗୁଡ଼ିକ ବ୍ୟକ୍ତିଗତ କାର୍ଯ୍ୟ ସଂପାଦନ ଓ ଶିକ୍ଷଣ ଅସୁବିଧା ଗୁଡ଼ିକରେ ପ୍ରକୃତି ନିର୍ଦ୍ଧାରଣରେ ଶିକ୍ଷକଙ୍କୁ ସାହାଯ୍ୟ କରି ପ୍ରତ୍ୟେକ ଶିକ୍ଷାର୍ଥୀର ସର୍ବୋଚ୍ଚ ବିକାଶର ସହାୟତା କରିବା ଅନୁସନ୍ଧାନର ମୁଖ୍ୟ କାର୍ଯ୍ୟ ଅଟେ । ଅନୁସନ୍ଧାନ ମୂଳକ ପରୀକ୍ଷଣ ଧାରାବାହିକ ହେବା ଉଚିତ, କାରଣ ଶିକ୍ଷାର୍ଥୀଙ୍କର ବିବିଧ ଦକ୍ଷତା ଗୁଡ଼ିକ ପ୍ରତ୍ୟେକ ଦକ୍ଷତାର ଅନୁକ୍ରମିକ ବିକାଶ ଉପରେ ନିର୍ଭର କରେ । ଏହି ପ୍ରକାର ପରୀକ୍ଷଣ ଗୁଡ଼ିକ ଉପଯୋଗୀ ହୋଇଥାଏ ଯଦି ଜଣେ ଶିକ୍ଷକ ଏଗୁଡିକ ବିଦ୍ୟାଳୟ ବର୍ଷରେ ଏକାଧିକ ଥରେ ବ୍ୟବହାର କରନ୍ତି । ବର୍ଷ ଆରମ୍ଭରେ ଏହା ଯୋଜନା ପାଇଁ ମାର୍ଗଦର୍ଶନ କରେ । ବର୍ଷ ମଝିରେ ଶିକ୍ଷାର୍ଥୀମାନେ ଏ ପର୍ଯ୍ୟନ୍ତ କ'ଣ ଶିଖିଛନ୍ତି, ତାହା ସ୍ଥିର କରେ, ଓ ବର୍ଷ ଶେଷରେ ଏହି ଶିକ୍ଷଣକୁ ଦୃଢ଼ କରିବା ପାଇଁ କ'ଣ ଆବଶ୍ୟକ ତାହା ମଧ୍ୟ ସ୍ଥିର କରିଥାଏ । ସେହିପରି ଏହା ସମଗ୍ର ବର୍ଷ ପାଇଁ ଶିକ୍ଷାର୍ଥୀର ଶିକ୍ଷଣର ଆକଳନ ଓ ପରିବର୍ତ୍ତନ ସ୍ତର ଓ ଧାରଣା ବିକାଶ ସଂପର୍କରେ ମାର୍ଗଦର୍ଶନ କରିପାରିବ । ଯଦି ଅନେକ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଶୂନତା / ସମସ୍ୟା ଗୁଡ଼ିକ ସୂଚିତ ହୁଏ ତେବେ ଏହା ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ନିଜ ଶିକ୍ଷାଦାନ ପ୍ରକ୍ରିୟାରେ ତ୍ରୁଟିଥିବ ତାହା ଉପରେ ଚିନ୍ତନ କରିବା ସ୍ୱଷ୍ଟ ।

ଶିକ୍ଷଣ ଅସୁବିଧା ଗୁଡ଼ିକ ସହିତ ଶିକ୍ଷାର୍ଥୀମାନେ ଗତି କରୁଥିବା ଶିକ୍ଷଣ ପ୍ରକ୍ରିୟାର ବିଶଦ ଅଧ୍ୟୟନ ଏହା ଆବଶ୍ୟକ କରେ ।

### ୧୧.୩.୨. ଅନୁସନ୍ଧାନ ମୂଳକ ପରୀକ୍ଷଣର ବିକାଶ

ଉପଲବ୍ଧି ପରୀକ୍ଷଣଠାରୁ ଏହା ସ୍ୱଷ୍ଟଭାବେ ପୃଥକ । ଉପଲବ୍ଧି ପରୀକ୍ଷଣରେ ପ୍ରସଙ୍ଗ ବଡ଼ ହୋଇଥିବାରୁ ସମସ୍ତ ଶିକ୍ଷଣ ଦିଗଗୁଡ଼ିକୁ ସାରିବାକୁ ନମୁନା ପ୍ରଶ୍ନଗୁଡ଼ିକ ବିସ୍ତୃତ ହୋଇ ନଥାଏ । ଅପର ପକ୍ଷରେ ଅନୁସନ୍ଧାନ ମୂଳକ ପରୀକ୍ଷଣରେ ପ୍ରତ୍ୟେକ ଶିକ୍ଷଣ ଦିଗର ଅନେକ ଉପାଦାନ ଥାଏ ଓ ଏହି ଉପାଦାନର ପ୍ରତ୍ୟେକ ଗୁଚ୍ଛ ଗୋଟିଏ ଉପପରୀକ୍ଷଣ ଗଠନ କରେ । ଉପଲବ୍ଧି ପରୀକ୍ଷଣ ତୁଳନାରେ ଏହା ଛୋଟ ପ୍ରସଙ୍ଗ ପରିସର ଉପରେ ଆଧାରିତ ହୋଇଥିବାରୁ ପ୍ରସଙ୍ଗ ସାରିବା ଅଧିକ ବିଶଦ ହୋଇଥାଏ । ତେଣୁ ଏକ ଅନୁସନ୍ଧାନ ମୂଳକ ପରୀକ୍ଷଣ ପ୍ରସଙ୍ଗରେ ଏବଂ ଅତି ଯତ୍ନ ସହକାରେ ବିଶ୍ଳେଷଣ ଓ ପିଲାମାନଙ୍କ ଦ୍ୱାରା ହେଉଥିବା ସାଧାରଣ ତ୍ରୁଟି ଗୁଡ଼ିକର ଏକ ବିଶଦ ଅଧ୍ୟୟନ ଆବଶ୍ୟକ କରେ ।

**ନିଜ ଅଗ୍ରଗତି ଆକଳନ-୨**

୧- ଶିକ୍ଷାର୍ଥୀମାନଙ୍କ କାର୍ଯ୍ୟସମ୍ପାଦନ ............ କରିବା ଶ୍ରେଣୀ ପରୀକ୍ଷଣର ଲକ୍ଷ୍ୟ ଅଟେ ।

୨- ଶିକ୍ଷଣ ଅସୁବିଧା ଗୁଡିକରେ ............. ଅଧ୍ୟୟନ ନିଦାନମୂଳକ ପରୀକ୍ଷଣ ସୂଚିତ କରେ ।

୩- ଆକଳନ ଓ ଅନୁସନ୍ଧାନ ମୂଳକ ପରୀକ୍ଷଣ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

---

### ୧୧.୪- ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାର ସମୀକ୍ଷା ଓ ଉନ୍ନତକରଣ

ଆମେ ଏ ପର୍ଯ୍ୟନ୍ତ ବୁଝିଲେ ଯେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିକାଶ କରିବା ଶିକ୍ଷଣ ଅଗ୍ରଗତି ସଂପର୍କରେ ଆକଳନ ସୂଚିତ କରେ ଏହା ମଧ୍ୟ ଶିକ୍ଷାର୍ଥୀଙ୍କ ବୋଧଗମ୍ୟତା ଓ ଶିକ୍ଷକଙ୍କ ଶିକ୍ଷାଦାନରେ ଥିବା ଶିକ୍ଷଣ ଶୂନ୍ୟତାଗୁଡ଼ିକୁ ଚିହ୍ନଟ କରିବାରେ ଏହା ମଧ୍ୟ ସାହାଯ୍ୟ କରେ । ଭଲ ବୁଝାମଣା ଓ ତ୍ରୁଟିର ସଂଶୋଧନ

ଏବଂ ଶିକ୍ଷଣକୁ ସହଜରେ ଧରିରଖିବା ନିମିତ୍ତ ପ୍ରତ୍ୟେକ ଶିକ୍ଷାର୍ଥୀ ତତ୍‌କ୍ଷଣାତ୍ ମାର୍ଗଦର୍ଶନ ପାଇବାକୁ ନିଶ୍ଚିତ କରିବା ଏହା ଲକ୍ଷ୍ୟ ରଖିଥାଏ । ଆକଳନ ଫଳାପଳ ବିଶ୍ଳେଷଣ ହେବା ଉଚିତ ଏବଂ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାର ବିକାଶ ନିମିତ୍ତ ସଂଶୋଧନାତ୍ମକ ଉପାୟମାନ ଆରମ୍ଭ କରିବା ଉଚିତ । ସଂଶୋଧନାତ୍ମକ ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟା ବିକୃତି କରିବାକୁ ଦୂର କରବା ସଂପର୍କିତ ଏବଂ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପସନ୍ଦ ଓ ଶୈଳୀକୁ ଖାପଖାଇବା ଭଳି ଶିକ୍ଷଣ- ଶିକ୍ଷାଦାନ ପନ୍ଥାକୁ ପୁନଃ ପରିକଳ୍ପନା କରିବା ଅଟେ ଯାହା ଶିକ୍ଷଣରେ ଘଟି ଥାଏ । ଶିକ୍ଷଣ ଅସୁବିଧାଗୁଡିକୁ ଅତିକ୍ରମ କରିବା ନିମିତ୍ତ ଏହା ଏକ ପ୍ରଚେଷ୍ଟା ।

ଯେଉଁ ଶିକ୍ଷାର୍ଥୀମାନେ ଅତିରିକ୍ତ ସହାୟତା ଆବଶ୍ୟକ କରନ୍ତି ଶିକ୍ଷକମାନେ ସେମାନଙ୍କ ଶିକ୍ଷାଦାନ ଶିକ୍ଷଣ ପନ୍ଥାକୁ ସମୀକ୍ଷା କରିବା ଆବଶ୍ୟକ । ଏହି ଆବଶ୍ୟକତାର କାରଣ ଜଣେ ଶିକ୍ଷାର୍ଥୀଠାରୁ ଅନ୍ୟ ଜଣଙ୍କ ପାଇଁ ଭିନ୍ନ ହୋଇପାରେ । କେତେକ ଶିକ୍ଷାର୍ଥୀ ଜଣେ ନିର୍ଦ୍ଦିଷ୍ଟ ଶିକ୍ଷକଙ୍କୁ ଓ ପରବର୍ତ୍ତୀ ସମୟରେ ସେହି ବିଷୟକୁ ପସନ୍ଦ କରନ୍ତି ନାହିଁ । ଆଉ କେତେକ ଶିକ୍ଷାର୍ଥୀଙ୍କର ନିର୍ଦ୍ଦିଷ୍ଟ ଶିକ୍ଷଣ ଅସୁବିଧା ଥିବା କେତେକ ଶିକ୍ଷାର୍ଥୀ ନିର୍ଦ୍ଦିଷ୍ଟ ବେଳେ ଅନ୍ୟ କେତେକଙ୍କର ନିମ୍ନମାନର ଗ୍ରହଣ କରିବାର ଶକ୍ତି ଥାଇପାରେ । ଏହି କ୍ଷେତ୍ରରେ ସଠିକ୍ କାରଣ ଅନୁସନ୍ଧାନ କରିବା ଶିକ୍ଷଣ ଶିକ୍ଷାଦାନ ପ୍ରକ୍ରିୟାରେ କରିବାକୁ ଥିବା ବିକାଶକୁ ସ୍ଥିର କରିବାରେ ଶିକ୍ଷକଙ୍କୁ ସାହାଯ୍ୟ କରେ । ଶିକ୍ଷାର୍ଥୀଙ୍କୁ ସାହାଯ୍ୟ କରିବାପାଇଁ ଏପରିକି ଶିକ୍ଷକ ଜଣେ ଯଥାର୍ଥ ବିଜ୍ଞ ବ୍ୟକ୍ତି ବା ପିତାମାତା ଜଣେ ମନୋବିଜ୍ଞାନୀ ବା ଜଣେ ସ୍ୱତନ୍ତ୍ର ଶିକ୍ଷକଙ୍କ ସାହାଯ୍ୟ ଆବଶ୍ୟକ କରିପାରନ୍ତି । ଜଣେ ଶିକ୍ଷାର୍ଥୀର ସାମର୍ଥ୍ୟ ଓ ଦୁର୍ବଳତାର ବିଶ୍ଳେଷଣ କରି ସଂଶୋଧିତ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ଆରମ୍ଭ ହେବା ଉଚିତ୍ ଓ ଶିକ୍ଷଣକୁ ସହାୟତା କରିବା ନିମନ୍ତେ ଶିକ୍ଷକ ସାମଗ୍ରୀ ଓ ପ୍ରକ୍ରିୟା କିପରି ହେବା ଦରକାର ତାହା ସମୀକ୍ଷା ହେବା ଆବଶ୍ୟକ । ଶିକ୍ଷାର୍ଥୀଙ୍କୁ ସେମାନଙ୍କ ସାମର୍ଥ୍ୟ ଓ ଦୁର୍ବଳତା ସଂପର୍କରେ ସଚେତନ କରିବା ଓ ଦୁର୍ବଳତା ଉପରେ କାର୍ଯ୍ୟ କରିବା ପାଇଁ ଏକ ପଦ୍ଧତି ପ୍ରଦାନ କରିବା ଏକ ଶକ୍ତିଶାଳୀ ପୁନର୍ବଳ ଚକ୍ର ସୃଷ୍ଟି କରିବାରେ ସାହାଯ୍ୟ କରେ । ଯଦି ଶିକ୍ଷାର୍ଥୀରେ ଶିଖିବାର ସାମାନ୍ୟତମ ଇଚ୍ଛା ଥାଏ, ତେବେ ତତ୍‌କ୍ଷଣାତ ଶିକ୍ଷାର୍ଥୀଙ୍କୁ ଉପଯୋଗୀ ହେବାଭଳି ଶିକ୍ଷଣ କାର୍ଯ୍ୟ ମାଧମରେ ମନୋବୃତ୍ତି ବିକାଶ ପାଇଁ ଚେଷ୍ଟା କରିବାକୁ ପଦକ୍ଷେପ ନିଆଯିବା ଉଚିତ । ସଂଶୋଧିତ ଶିକ୍ଷାଦାନ - ଶିକ୍ଷଣପାଇଁ ଶିକ୍ଷକ ମାନଙ୍କର ଉପଯୁକ୍ତ ମନୋବୃତ୍ତି ଓ ଦକ୍ଷତା ଥିବା ଉଚିତ । ସଂଶୋଧିତ ପ୍ରଚେଷ୍ଟା ଗୁଡିକର ଏକ ପରୀକ୍ଷାମୂଳକ ଚିହ୍ନଟ ଆଧାରରେ ନିଶ୍ଚିତ ରୂପେ ଅଗ୍ରସର ହେଉଥିବାରୁ, ଯଦି ଆରମ୍ଭରୁ ନିର୍ବାଚିତ ପନ୍ଥା ଓ ସାମଗ୍ରୀ ଅସଫଳ ବୋଲି ଜଣାପଡେ, ତେବେ ଶିକ୍ଷକ ସଂଶୋଧନ କୌଶଳ ଏବଂ ପ୍ରକ୍ରିୟାକୁ ପରିବର୍ତ୍ତନ କରିବା ନିମିତ୍ତ ନିଶ୍ଚିତ ପ୍ରସ୍ତୁତ ହେବା ଆବଶ୍ୟକ । ଯଦି ଜଣେ ଶିକ୍ଷକ ନିମ୍ନୋକ୍ତ ସହାୟତା ପ୍ରଦାନ କରନ୍ତି ତେବେ ଅଧିକ ଶିକ୍ଷାର୍ଥୀ ଉତ୍ତମ ରୂପେ ଶିଖିବେ ।

୧. କ୍ଷୁଦ୍ରତାର ଏକ ବିଶିଷ୍ଟ ସୂଚନା ।

୨. ଦେଖିବା, ଶୁଣିବା, ଅନୁଭବ କରିବା ଓ କରିବାଭଳି ଅଧିକ ବାସ୍ତବ ସମ୍ବନ୍ଧ ।

୩. ଅଧିକ ଦୃଷ୍ଟାନ୍ତ ଏବଂ ଦୃଶ୍ୟଶ୍ରାବ୍ୟ ଉପକରଣ

୪. ଜଟିଳକାର୍ଯ୍ୟ ସଂପାଦାନ ପାଇଁ ଅଧିକ ସମୟ

୫. ଶିକ୍ଷଣ ଅନୁଭୂତିକୁ ବ୍ୟକ୍ତି ଭିତ୍ତିକ କରିବା ।

୬. ଅଭିନୟ, ସମ୍ପାଦିତ କଳାଭଳି କାର୍ଯ୍ୟରେ ଆବେଗିକ ସଂପୃକ୍ତି ।

୭.ବିଭିନ୍ନ ପ୍ରକାର ଗୁରୁତ୍ୱପୂର୍ଣ୍ଣ ଉଦ୍ଦୀପନା ଏବଂ ଉପକରଣ ।

ଟିପ୍ପଣୀ

**ବିକଳ୍ପ ଶିକ୍ଷାଦାନ- ଶିକ୍ଷଣ କାର୍ଯ୍ୟ-ସମୂହ**

କେତେକ ଶିକ୍ଷଣ ଅସୁବିଧା କ୍ଷେତ୍ରରେ ସାମୟିକ ଉପାଦାନ ଗୁଡ଼ିକ ଅପେକ୍ଷାକୃତି ସହଜ । ଜଣେ ଛାତ୍ର ଶିକ୍ଷାଦାନ ଶିକ୍ଷଣ ସମୟରେ ଅନ୍ୟମନସ୍କ ରହିବାରେ କିମ୍ବା ସ୍ୱଳ୍ପ ଅଭ୍ୟାସ, ଅଜ୍ଞତା କିମ୍ବା ଅନିୟମିତତା ଉପସ୍ଥାନ ଯୋଗୁ ଅନେକ ଭୁଲ କରିପାରେ । ଯଦି ଗୋଟିଏ ପିଲା ଆଗ୍ରହୀ ହେବାର ଅସୁବିଧା ଅଛି, ତେବେ ନିମ୍ନୋକ୍ତ ବିକଳ୍ପ କାର୍ଯ୍ୟ ଗୁଡ଼ିକ ଚେଷ୍ଟା କରାଯାଇପାରିବ ।

- ପାଠକୁ ସେମାନଙ୍କ ଜୀବନ ସହ ସମ୍ପର୍କିତ କରି ଗଳ୍ପ କହିବା
- ପୂର୍ବ ଅନୁଭୂତି ସହ ସମ୍ପର୍କିତ କରି ଶିକ୍ଷଣକୁ ପ୍ରାସଙ୍ଗିକ ଏବଂ ଉଦ୍ଦେଶ୍ୟ ଭିତ୍ତିକ କରିବା

ଯଦି ଶିକ୍ଷାର୍ଥୀର ଆରମ୍ଭ କରିବାରେ ଅସୁବିଧା ଥାଏ, ତେବେ ଚେଷ୍ଟା କର

- କାର୍ଯ୍ୟ ଆରମ୍ଭ କରିବାକୁ ସହାୟକ ସୂଚନା ଦେବା
- ଜଟିଳ ଶିକ୍ଷଣ ପ୍ରତ୍ୟୟକୁ ଛୋଟ ଛୋଟ ଏକକରେ ଭାଙ୍ଗିବା
- ଆରମ୍ଭରୁ ସହଜ ଧାରଣା ଆଧାରିତ ପ୍ରତ୍ୟୟ କାର୍ଯ୍ୟକୁ କ୍ରମରେ ରଖିବା ।
- ପ୍ରତ୍ୟେକ ଦତ୍ତ କାର୍ଯ୍ୟ ପାଇଁ ସମସ୍ତ ସୂଚନା ଦେବା
- କାର୍ଯ୍ୟର ପ୍ରଥମ କେତେ ମିନିଟ୍‌ରେ ପିଲାଟି ଅଗ୍ରଗତି ଯାଞ୍ଚ ବାରମ୍ବାର କରିବା ।
- ସ୍ପଷ୍ଟ ସୂଚନା ପ୍ରଦାନ କରିବା
- ଶିକ୍ଷାର୍ଥୀଙ୍କୁ ଆରମ୍ଭ କରିବା ପାଇଁ ସହପାଠୀ ମାନଙ୍କ ସହାୟତା ବ୍ୟବହାର କରିବା ।

ଯଦି ଦଳରେ କାମ କରିବାରେ ଶିକ୍ଷାର୍ଥୀ ମାନଙ୍କର କିଛି ଅସୁବିଧା ଥାଏ, ତେବେ,

- ଦଳର ସଦସ୍ୟମାନଙ୍କ ଭୂମିକା ସଂପର୍କରେ ସ୍ପଷ୍ଟତା ପ୍ରଦାନ କରିବା ।
- ଦଳଗତ ଅଭିପ୍ରେରଣ କରିବା
- ଶିକ୍ଷାର୍ଥୀମାନଙ୍କୁ ବର୍ଣ୍ଣିତ ଦାୟିତ୍ୱ ବା ନେତୃତ୍ୱର ସ୍ଥିତି ସଂପର୍କରେ ଜଣାନ୍ତୁ

ଯଦି ପିଲାଟିର ସ୍ୱାଧିନ ଭାବେ କାମ କରିବାରେ ଅସୁବିଧା ଥାଏ, ତେବେ :

- ଏକ ସଠିକ ସ୍ତରରେ କାର୍ଯ୍ୟ ନ୍ୟସ୍ତ କରନ୍ତୁ
- ପ୍ରତ୍ୟାଶିତ ଶିକ୍ଷଣ ଫଳାଫଳର ଜଟିଳତା ସ୍ତରକୁ କମାନ୍ତୁ
- ଛୋଟ ନ୍ୟାସ୍ତ କାର୍ଯ୍ୟକୁ ଆରମ୍ଭ କରିବା ଏବଂ କ୍ରମଶଃ କାର୍ଯ୍ୟ ଆବଶ୍ୟକ ପରିମାଣ ବଢାନ୍ତୁ
- ଗୋଟିଏ ନ୍ୟାସ୍ତ କାର୍ଯ୍ୟ ଭିତରେ ବିବିଧ କାର୍ଯ୍ୟ ପ୍ରଦାନ କରନ୍ତୁ ଯେପରିକି (ଚାଟ୍ ମ୍ୟାପ୍ ପତାକା ଚିତ୍ର ଅଙ୍କନ କରିବା ଇତ୍ୟାଦି)

**୧୧.୫ ପରିବେଶ ଅଧ୍ୟୟନ ଶିକ୍ଷଣରେ ସମୃଦ୍ଧୀକରଣ ନିମିତ୍ତ ସଂଶୋଧିତ କାର୍ଯ୍ୟ ସଂମୂହ**

ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାର ବିକାଶ କରିବା ଜଣେ ଶିକ୍ଷକ ଭାବେ ତୁମର ମୁଖ୍ୟ ଭୂମିକା ଅଟେ । ଏହା କେବଳ ସମ୍ଭବ ହୁଏ ଯେତେବେଳେ ତୁମେ ଜଣେ ମାର୍ଗଦର୍ଶକ ଭାବେ କାମ କର ଓ

ଶିକ୍ଷାର୍ଥୀମାନଙ୍କ ଶିକ୍ଷଣ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତି । ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାରେ ଶିକ୍ଷାର୍ଥୀ କେଉଁଠି ତ୍ରୁଟି କରେ ତାହା ତୁମକୁ ଖୋଜି ଚିହ୍ନଟ କରିବାକୁ ହେବ । ଏହା ଶିକ୍ଷାର୍ଥୀ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତର ଯେଉଁଠି ଶିକ୍ଷଣର ଉପସ୍ଥିତି ଗୁଣାତ୍ମକତା ନିଶ୍ଚିତ କରିବାକୁ ପ୍ରତିରୋଧକ ଶିକ୍ଷାଦାନ ପାଇଁ ତୁମକୁ ଶିକ୍ଷଣ ସାମଗ୍ରୀକୁ ବିଶ୍ଳେଷଣ ଓ ପ୍ରସ୍ତୁତ କରିବାକୁ ହେବ ।

ଖାଦ୍ୟ ପ୍ରସଙ୍ଗଟିକୁ ଆକଳନ କଲାବେଳେ ଜଣେ ଶିକ୍ଷକ ଦେଖିଲେ ଯେ ଶ୍ରେଣୀର ଅଧିକାଂଶ ଶିକ୍ଷାର୍ଥୀ ମାଆ କିମ୍ବା ଘରର ଅନ୍ୟ ମହିଳା ସଦସ୍ୟ ରୋଷେଇ କରିବା କଥା ଉଲ୍ଲେଖ କରିଛନ୍ତି ଓ ଏ ସଂପର୍କରେ ସେମାନଙ୍କର ଏକ ପକ୍ଷପାତିତା ଧାରଣା ରହିଛି । ତା ପରେ ଶିକ୍ଷକ ଗୋଟିଏ ହୋଟେଲରେ ଜଣେ ପୁରୁଷ ଅତି ଉତ୍ତମ ଖାଦ୍ୟ ରାନ୍ଧୁଥିବା କଥା ବର୍ଣ୍ଣନା କଲେ । ଏହି କ୍ଷେତ୍ରରେ ଗଳ୍ପଟି ଗୋଟିଏ ସଂଶୋଧିତ ଶିକ୍ଷାଦାନରେ ଉଦ୍ଦେଶ୍ୟ ପୂରଣ କଲା । ଯେତେବେଳେ ଶିକ୍ଷକ ବୁଝିବାରେ ଶୂନ୍ୟତା ଦେଖିଲେ ସେ ସଙ୍ଗେ ସଙ୍ଗେ ସଂଶୋଧିତ ଉପାୟମାନ ପ୍ରୟୋଗ କରିବେ, ନଚେତ ଶିକ୍ଷାର୍ଥୀ ଲିଙ୍ଗଗତ ଧରାବନ୍ଧା ଧାରଣାପ୍ରତି ଅସମ୍ବେଦନଶୀଳ ହୋଇ ରହିବ ।

ସଂଶୋଧିତ ଶିକ୍ଷାଦାନ ପାଇଁ ବିବିଧ କାର୍ଯ୍ୟମାନ ପରିଚାଳନା କରାଯାଇ ପାରିବ । ଆସ ଏହାର ଏକ ଉଦାହରଣ ଦେଖିବା ।

ସଲିମ୍ ନାମକ ପରିବେଶ ଅଧ୍ୟୟନର ଜଣେ ଶିକ୍ଷକ ନିର୍ଣ୍ଣୟ କଲେ ଯେ ପଞ୍ଚମ ଶ୍ରେଣୀ ପରିବେଶ ଅଧ୍ୟୟନର ପୁସ୍ତକ "ଚତୁପାର୍ଶ୍ୱ ଦେଖିବାର" "ମଶାଙ୍କ ପାଇଁ ଏକ ଉପଚାର" ପ୍ରସଙ୍ଗର ରକ୍ତହୀନତା ଧାରଣାକୁ ଦଳେ ପିଲା ବୁଝି ନାହାଁନ୍ତି । ସଲିମ ଶିକ୍ଷଣ ଶୂନତାକୁ ଚିହ୍ନଟ କରିବା ପରେ, ରକ୍ତହୀନତା ସଂପର୍କରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷଣକୁ ଦୃଢ଼ିଭୂତ କରିବା ନିମିତ୍ତ ପ୍ରତିରୋଧ ମୂଳକ ଶିକ୍ଷାଦାନ ପାଇଁ ନିମ୍ନୋକ୍ତ କାର୍ଯ୍ୟ ଗୁଡ଼ିକରେ ଯୋଜନା କଲେ ।

– ଜଣେ ଡ଼ାକ୍ତରଙ୍କୁ ନିମନ୍ତ୍ରଣ କରି ବିଶେଷଜ୍ଞ ବକ୍ତବ୍ୟ ଆୟୋଜନ କଲେ ଯେ କି ଆମ ଶରୀରରେ ଲୌହର ମହତ୍ୱକୁ ବୁଝାଇଲେ । ସେ ମଧ ଲୌହରେ ସମୃଦ୍ଧ ଥିବା ପନିପରିବା ଓ ଫଳ ବିଷୟରେ ଶିକ୍ଷାର୍ଥୀମାନଙ୍କୁ କହିଲେ । ସେ ମଧ ରକ୍ତର ଏକ ନମୁନା ବିବରଣୀ ପ୍ରଦର୍ଶିତ କଲେ ଓ ରକ୍ତରେ ଥିବା ହେମୋଗ୍ଲୋବିନ୍ କିପରି ମପାଯାଏ ତାହା ବୁଝାଇଲେ ।

ଏହି ବିଷୟରେ ଶିକ୍ଷାର୍ଥୀମାନଙ୍କର ଜ୍ଞାନର ଅଭିବୃଦ୍ଧି ପାଇଁ ମଶାଙ୍କ ଉପରେ ପୁଣି ଏକ ଚଳଚିତ୍ର ଦେଖାଇବାକୁ ସଲିମ୍ ସ୍ଥିର କଲେ । ସେହି ଅନୁସାରେ ସଲିମ୍ ଯୋଜନା କଲେ ଓ ସାମଗ୍ରୀ ପ୍ରସ୍ତୁତ କଲେ ଯେଉଁଠାରେ ଧାରଣାକୁ ପୁନଃ ଅବଲୋଚନ ଓ ପୁନରାବୃତ୍ତି କରିବାର ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରଚୁର ସୁଯୋଗ ଥିଲେ । ସେମାନେ ସମସ୍ତେ ପ୍ରସଙ୍ଗଟିକୁ ବୁଝିବା ପର୍ଯ୍ୟନ୍ତ ସେମାନଙ୍କୁ ଯଥେଷ୍ଟ ସୁଯୋଗ ପ୍ରଦାନ କରାଯାଇଥିଲା ।

ଆସ ସଂଶୋଧିତ ଶିକ୍ଷାଦାନ- ଶିକ୍ଷଣ ପ୍ରକ୍ରିୟାକୁ ମନେ ପକାଇବା ।

- ଶିକ୍ଷାଦାନ -ଶିକ୍ଷଣ ପ୍ରକ୍ରିୟାର ଏହା ଏକ ଅବିଚ୍ଛେଦ୍ୟ ଓ ଅତ୍ୟାବଶ୍ୟକ ଅଂଶ । ଏହା ଶିକ୍ଷଣରେ ନିର୍ଦ୍ଦିଷ୍ଟ ଶୂନ୍ୟତାକୁ ବୁଝିବାରେ ନିର୍ଦ୍ଦିଷ୍ଟ ବା ଅନୁସନ୍ଧାନମୂଳକ ଆକଳନରେ ସାହାଯ୍ୟ କରେ ।
- ଶିକ୍ଷାର୍ଥୀର ନିର୍ଦ୍ଦିଷ୍ଟ ସମସ୍ୟା ବା ଆବଶ୍ୟକତା ଗୁଡ଼ିକୁ ଖାପଖାଇବା ଭଳି ଆବଶ୍ୟକତା ସମୂହକୁ ପ୍ରସ୍ତୁତ କରିବାକୁ ହେବ ।
- ତତ୍‌କ୍ଷଣାତ୍ ଆକଳନକୁ ଅନୁସରଣ କରିବା ଆବଶ୍ୟକ ।

ଟିପ୍ପଣୀ

- ପୂର୍ବରୁ ବ୍ୟବହୃତ ଶିକ୍ଷାଦାନ-ଶିକ୍ଷଣ ପଦ୍ଧତି ଗୁଡିକ ପରିବର୍ତ୍ତେ ଭିନ୍ନ ଭିନ୍ନ ପଦ୍ଧତି ଗୁଡ଼ିକୁ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିବା ଉଚିତ ।
- ଏହା ଶିକ୍ଷାର୍ଥୀ ସହାୟକ ନିଶ୍ଚିତ ହେବା ଆବଶ୍ୟକ ଓ ଶିକ୍ଷଣ ଉପରେ ଆଲୋକପାତ କରିବା ଉଚିତ ।
- ଏହା ଏପରି ହେବା ଉଚିତ ଯେ ଯେତେବେଳେ ସମ୍ଭବ ଶିକ୍ଷାର୍ଥୀ ଶ୍ରେଣୀର ଅନ୍ୟମାନଙ୍କ ସହ ଶିକ୍ଷଣ ଚାଲୁ ରଖିବାରେ ସମର୍ଥ ହୋଇଥାଏ । ତେଣୁ ଏହା ଉତ୍ତମ ଯେ ଶିକ୍ଷାର୍ଥୀ ଯିଏ କି ସଂଶୋଧନାତ୍ମକ ଶିକ୍ଷାଦାନ ଶିକ୍ଷଣ ଅଭିଜ୍ଞତା ହାସଲରେ ଲିପ୍ତଥାଏ ସେ ଶ୍ରେଣୀର ଅନ୍ୟମାନଙ୍କଠାରୁ ଅଲଗା ହୁଏ ନାହିଁ ।
- ଶିକ୍ଷାର୍ଥୀର ପିତାମାତାମାନେ ଆକଳନ ଫଳାଫଳ ସଂପର୍କରେ ସୂଚିତ ହେବା ଉଚିତ ଓ ଯଦି ଆବଶ୍ୟକ ହୁଏ । ତେବେ ସଂଶୋଧିତ ଶିକ୍ଷାଦାନ, ଶିକ୍ଷଣ ପ୍ରକ୍ରିୟାକୁ ଏକ ଅଂଶରୂପେ ପରିଗଣିତ କରିବା ଉଚିତ ।

## ୧୧.୬: ସାରାଂଶ

ଏହି ଏକକରେ ତୁମେ ଜାଣିଲ ଯେ ଶିକ୍ଷାର୍ଥୀମାନଙ୍କ ବୌଦ୍ଧିକ,ସାମାଜିକ ଓ ବ୍ୟକ୍ତିଗତ ବିକାଶ ସଂପର୍କିତ ନିୟମିତ, ସଠିକ ଓ ବୋଧଗମ୍ୟ ଆକଳନ ପ୍ରକ୍ରିୟାର ହାସଲ ହୋଇଥିବା ଶିକ୍ଷାର୍ଥୀଙ୍କ ଉପଲବ୍ଧି ଓ ଅଗ୍ରଗତି ସଂପର୍କରେ ସୂଚନା ପ୍ରଦାନ କରିବା ପ୍ରକ୍ରିୟା ହିଁ ବିବରଣୀ ପ୍ରସ୍ତୁତ କରିବା ଅଟେ ।

ଅନୁସନ୍ଧାନମୂଳକ ପରୀକ୍ଷଣ ଗୁଣାତ୍ମକ ଶିକ୍ଷାଦାନ-ଶିକ୍ଷଣ ପ୍ରକ୍ରିୟାର ଏକ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗ । ଶିକ୍ଷଣ ଅସୁବିଧା ଗୁଡିକର ଏକ ବିଶଦ ଅଧ୍ୟୟନ ଏହା ସୂଚିତ କରେ । ଅସୁବିଧା ଥିବା ସ୍ଥାନକୁ ଚିହ୍ନଟ କରିବା ପରେ ଶିକ୍ଷଣରେ ସମସ୍ୟା ଓ ଯେଉଁ କାରଣ ପାଇଁ ଶିକ୍ଷାର୍ଥୀ ସମସ୍ୟାର ସମ୍ମୁଖୀନ ହେଉଛି ତାହା ଦୂର କରିବା ପାଇଁ ଜଣେ ଶିକ୍ଷକ ଭାବେ ତୁମେ କେତେକ କୌଶଳ ବାହାର କରିବା ଉଚିତ । ଏହା ସଂଶୋଧିତ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ରୂପେ ସୂଚିତ ହୋଇଥାଏ । ଅନୁସନ୍ଧାନମୂଳକ ପରୀକ୍ଷଣ ପ୍ରତିରୋଧମୂଳକ ଶିକ୍ଷାଦାନକୁ ଆଗେଇ ନିଏ ଯେତେବେଳେ ଶିକ୍ଷଣର ଅଭିବୃଦ୍ଧି ପାଇଁ ବିକଳ୍ପ କାର୍ଯ୍ୟ ଗୁଡିକର ଯୋଜନା କରାଯିବା ଉଚିତ । ଆମେ ପରିଶେଷରେ ପରିବେଶ ଅଧ୍ୟୟନରେ ଶିକ୍ଷଣର ସମୃଦ୍ଧିକରଣ ପାଇଁ ସଂଶୋଧନାତ୍ମକ ଶିକ୍ଷାଦାନ - ଶିକ୍ଷଣ କାର୍ଯ୍ୟଗୁଡ଼ିକୁ କିପରି ପରିଚାଳିତ କରିବା ତା'ର ଏକ ଉଦାହରଣ ଆଲୋଚନା କଲେ ।

## ୧୧.୭. ନିଜ ଅଗ୍ରଗତି ଆକଳନ ଆଦର୍ଶ ଉତ୍ତର

ନିଜ ଅଗ୍ରଗତି ଆକଳନ-୧

ଉତ୍ତର -୧-(କ) ଛାତ୍ର, ଛାତ୍ରୀ ଶିକ୍ଷକ ଓ ଅଭିଭାବକମାନଙ୍କୁ ପ୍ରତିପୁଷ୍ଟି ପ୍ରଦାନ କରିବା ।

(ଖ) ଅଧିକଉତ୍ତର ବିକାଶ ନିମନ୍ତେ ସାମର୍ଥ୍ୟ ଓ ଦୁର୍ବଳତା ପରିସରକୁ ସୂଚିତ କରିବା ।

ଉତ୍ତର -୨- ସେମାନଙ୍କ ଗୁରୁତ୍ୱକୁ ସୂଚିତ କରି ଯେ କୌଣସି ତିନୋଟିକୁ ଉଲ୍ଲେଖ କର ।

ଉତ୍ତର -୩ - କାମର ସଠିକତାକୁ ସଂଗ୍ରହ କରି ଯେଉଁ ଗୁଡ଼ିକ ପିଲାମାନଙ୍କ ଦ୍ୱାରା କରାଯାଇଥିବ ବର୍ଷ ସାରା ବିଭିନ୍ନ ନଥିପତ୍ରରେ ତାହା ବିଭିନ୍ନ ମାଧ୍ୟମରେ ସଂଗ୍ରହ କରି ତାହାକୁ ସୁକୃତ କରାଯାଇଥାଏ । ଅଥବା ପ୍ରଥମ ଶ୍ରେଣୀ ଭିତ୍ତିକ କରାଯାଇଥାଏ ।

ଟିପ୍ପଣୀ

ନିଜ ଅଗ୍ରଗତି ଆକଳନ - ୨

ଉତ୍ତର ୧- ବିବରଣୀ ଏବଂ ନଥିପତ୍ର

ଉତ୍ତର ୨- ବ୍ୟକ୍ତିଗତ କାର୍ଯ୍ୟ ସଂପାଦନ

ଉତ୍ତର ୩- ଆକଳନ - ଶିକ୍ଷାର୍ଥୀ ମାନଙ୍କ ଜ୍ଞାନ, ମନୋବୃତ୍ତି, ଦକ୍ଷତା ଓ ବିଶ୍ୱାସକୁ ବିଚାର ଓ ବର୍ଗୀକରଣ କରିବା କାର୍ଯ୍ୟ / କୌଶଳ ।

ଅନୁସନ୍ଧାନ ମୂଳକ ପରୀକ୍ଷଣ : ବ୍ୟକ୍ତିଗତ ଶିକ୍ଷଣ ଅସୁବିଧା ଗୁଡିକର ବିଶଦ ଅଧ୍ୟୟନ କାର୍ଯ୍ୟ ଓ ଏବଂ ପ୍ରତ୍ୟେକ ପିଲା ଅନ୍ୟ ଏକ ପିଲାଠାରୁ ଭିନ୍ନ ଏହାକୁ ସୂଚିତ କରିବା ।

## ୧୧.୮ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Source Book Assessment for class I-IV (Environmental Studies, 2008) NCERT, New Delhi
- NCF 2005, National Council for Educational Research & Training, New Delhi
- EVS textbooks class III to V, NCERT
- www.**ncert**.nic.in/html/pdf/schoolcurriculum/ncfsc/ch4.pdf
- http://en.wikipedia.org/wiki/Educational_assessment
- http://unesdoc.unesco.org/images/0012/001262/126231e.pdf


- Source Book Assessment for class I-IV (Environmental Studies, 2008) NCERT, New Delhi
- NCF 2005, National Council for Educational Research & Training, New Delhi
- EVS textbooks class III to V, NCERT
- www.**ncert**.nic.in/html/pdf/schoolcurriculum/ncfsc/ch4.pdf
- http://en.wikipedia.org/wiki/Educational_assessment
- http://unesdoc.unesco.org/images/0012/001262/126231e.pdf


## ୧୧.୯. ପାଠାନ୍ତ ପ୍ରଶ୍ନାବଳୀ

୧. ସଂଶୋଧନାତ୍ମକ ଶିକ୍ଷାଦାନର ଅର୍ଥ ବୁଝାଅ । ପରିବେଶ ଅଧ୍ୟୟନର ଗୋଟିଏ ପ୍ରସଙ୍ଗରେ ଜଣେ ଶିକ୍ଷାର୍ଥୀ ପାଇଁ ସଂଶୋଧନାତ୍ମକ ଶିକ୍ଷାଦାନର ବ୍ୟବହାର ବର୍ଣ୍ଣନା କର ।

୨. ଶିକ୍ଷକ ଦେଖିଲେ ଯେ ପଞ୍ଚମ ଶ୍ରେଣୀର ଗୋଟିଏ ଶିକ୍ଷାର୍ଥୀ ବଡ଼ ପରିବାର ଧାରଣା ବୁଝିବାକୁ ଅସମର୍ଥ ଯେଉଁଠି ନିକଟ ପଡ଼ୋଶୀ ଓ ଗୃହପାଳିତ ପଶୁମାନଙ୍କୁ ପରିବାରର ସଦସ୍ୟ ବୋଲି ବିଚାର କରାଯାଏ । ଏଠାରେ ପରିବେଶର ଧାରଣା, ତାର ପିତାମାତାରେ ହିଁ ସୀମିତ । ଶିକ୍ଷକ ମଧ୍ୟ ଜାଣିବାକୁ ପାଇଲେ ଯେ ଶିକ୍ଷାର୍ଥୀ ଏକକ ପରିବାରରେ ରହେ ଓ ସହଭାଗୀ ଦଳଗତ କାର୍ଯ୍ୟ ସମୟରେ ଅନ୍ୟମାନଙ୍କ ସହିତ ମିଶେ ନାହିଁ । ତୁମେ କି ପ୍ରକାର ସଂଶୋଧନାତ୍ମକ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟା ପାଇଁ ପରାମର୍ଶ କରିବ ?